بسم الله الرحمن الرحیم

ଖୁତବା ଜୁମା୨୮ ଜୁନ୍ ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ମୁବାରକ୍ ଇସଲାମାବାଦ୍, ଟେଲଫୋର୍ଡ଼(ବ୍ରିଟେନ୍)

# ଆଁହଜ଼ରତେ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବୀ ହଜ଼ରତ୍ ଜ଼ୈଦ୍ ବନ୍ ହାର୍‌ସା ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ହୃଦୟଦ୍ରାବୀ ଓ ମନୁଗ୍ଧକର ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ହଜ଼ରତ୍ ଜ଼ୈଦ୍ ବିନ୍ ହାରସା ର.ଙ୍କ ଚର୍ଚ୍ଚାରେ ଅନେକ ଅତିରିକ୍ତ ଘଟଣାବଳୀ ଓ ତଥ୍ୟମାନ ରହିଛି, ଯାହାକୁ ଆଜି ମୁଁ ଉପସ୍ଥାପନ କରିବି । ହଜ଼ରତ୍ ମିର୍ଜ଼ା ବଶୀରୁଦ୍ଦୀନ୍ ମହମୁଦ୍ ଅହମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ରବିଉଲ୍ ଅୱଲ୍ ଆଖିର୍ ମାସର ୬ ହିଜରୀରେ ଆଁହଜ଼ରତ୍ ସ.ଅ ଜ଼ୈଦ୍ ବିନ୍ ହାରସା ର.ଅଙ୍କ ନେତୃତ୍ୱରେ କେତେକ ମୁସଲମାନମାନଙ୍କୁ ବନି ସଲିମ୍ ସଂପ୍ରଦାୟ ଆଡ଼କୁ ପ୍ରେରଣ କଲେ । ଉକ୍ତ ସଂପ୍ରଦାୟଟି ସେତେବେଳେ ନଜଦ୍ ଅଞ୍ଚଳ ଅନ୍ତର୍ଗତ ଜମୁମ୍ ନାମକ ସ୍ଥାନରେ ବସବାସ କରୁଥିଲେ ଏବଂ ଦୀର୍ଘ ଦିନ ଧରି ଆଁହଜ଼ରତ୍ ସ.ଅଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରି ଆସୁଥିଲେ । ହଜ଼ରତ୍ ଜ଼ୈଦ୍ ବିନ୍ ହାରସା ର.ଅଙ୍କୁ ସେହି ଯୁଦ୍ଧରୁ ଫେରିବାକୁ ବେଶୀ ଦିନ ଅତିକ୍ରାନ୍ତ ହୋଇନଥିଲା କି ଆଁହଜ଼ରତ୍ ସ.ଅ ଜମାଦିଉଲ୍ ଉଲା ମାସରେ ତାଙ୍କୁ ୧୦୦ ଜଣ ଧନୁର୍ଧର ସାହାବାଙ୍କ ସହିତ ପୁନର୍ବାର ମଦିନାକୁ ପ୍ରେରଣ କରିଥିଲେ ଏବଂ ଏହି ଯୁଦ୍ଧର କାରଣ ସଂପର୍କରେ **ଏହଲେ ସେର୍** ଏହା ଉଲ୍ଲେଖ କରନ୍ତି ଯେ, ଶାମ୍ ଆଡୁ ମକ୍କାର ଏକ ଯାତ୍ରୀ ସମୂହ ଆସୁଥିଲା ଏବଂ ତାହାକୁ ଅବରୋଧ କରିବା ପାଇଁ ଆଁହଜ଼ରତ୍ ସ.ଅ ଏକ ସୈନ୍ୟ ଦଳକୁ ପ୍ରେରଣ କରିଥିଲେ । ହୁଜୁର୍ ଅନୱର୍ ଅ.ବ କହିଲେ : ଏଠାରେ ମୁଁ ଏହା ସ୍ପଷ୍ଟ କରିଦେବାକୁ ଚାହେଁ କି କୁରୈଶର ଯାତ୍ରୀ ସମୂହ ସର୍ବଦା ସଶସ୍ତ୍ର ରହୁଥିଲେ ଏବଂ ମକ୍କା ଏବଂ ଶାମ୍ ମଧ୍ୟରେ ଯିବା ଆସିବା ସମୟରେ ସେମାନେ ସଂପୂର୍ଣ୍ଣ ରୂପେ ମଦିନାର ନିକଟ ବର୍ତ୍ତୀ ସ୍ଥାନରୁ ଅତିକ୍ରମ କରୁଥିଲେ । ଯଦ୍ୱାରାକି ସେମାନଙ୍କ ଆଡୁ ସର୍ବଦା ବିପଦର ଆଶଙ୍କା ରହୁଥିଲା । ଏହା ବ୍ୟତୀତ ଏହି ଯାତ୍ରୀ ସମୂହ ଯେଉଁ ଯେଉଁ ସ୍ଥାନରୁ ଯେତେବେଳେ ଅତିକ୍ରମ କରୁଥିଲେ ସେତେବେଳେ ସେମାନେ ଆରବ ସଂପ୍ରଦାୟମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଉସକାଉ ଥିଲେ । ଫଳ ସ୍ୱରୂପ ସମଗ୍ର ଦେଶରେ ମୁସଲମାନମାନଙ୍କ ବିରୁଦ୍ଧରେ ଶତ୍ରୁତାର ଏକ ଭୟାବହପୂର୍ଣ୍ଣ ଅଗ୍ନି ପ୍ରଜ୍ୱଳିତ ହୋଇଯାଇଥିଲା । ଅତଃ ସେହି ଶତ୍ରୁମାନଙ୍କୁ ରୋକିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଥିଲା । ସେ ଯାହା ହେଉ ଆଁହଜ଼ରତ୍ ସ.ଅ ସେହି ସମୂହର ସୂଚନା ପାଇ ଜ଼ୈଦ୍ ବିନ ହାରସା ର.ଅଙ୍କୁ ସେହି ଦିଗକୁ ପ୍ରେରଣ କରିଥିଲେ ଏବଂ ସେ ଚତୁରତାର ସହ ଘାତ ଲଗାଇ ଏଭଳି ଭାବରେ ଆଗକୁ ଆଗ୍ରସର ହେଲେ କି କାହାରିକୁ ଯେପରି ଜଣା ନପଡୁ ଏବଂ **ଇସ୍** ନାମକ ସ୍ଥାନରେ ସେହି ଶତ୍ରୁ ସମୂହ ସହିତ ମୁହାଁମୁହିଁ ହୋଇଥିଲେ । **ଇସ୍** ସ୍ଥାନଟି ମଦିନା ଠାରୁ ଚାରି ଦିନର ଦୂରତାରେ ସମୁଦ୍ର କୂଳରେ ଅବସ୍ଥିତ । ସୁତରାଂ ଏହି ଆକ୍ରଣଟି ହଠାତ୍ ହୋଇଥିଲା, ଯାହାଫଳରେ କି ସେହି ଯାତ୍ରୀ ସମୂହ ମୁସଲମାମାନଙ୍କର ଶକ୍ତିଶାଳୀ ଆକ୍ରମଣକୁ ସହ୍ୟ କରି ନପାରି ନିଜର ଜିନିଷପତ୍ର ସବୁ ଛାଡ଼ି ପଳାଇଲେ । ହଜ଼ରତ୍ ଜ଼ୈଦ୍ ବିନ୍ ହାରସା କେତେକ କୈଦୀଙ୍କୁ ବନ୍ଦୀ କରି ସେହି ଯାତ୍ରୀ ସମୂହଙ୍କର ଜିନିଷ ସବୁକୁ ନିଜ ଆୟତ୍ତକୁ ଆଣି ମଦିନା ଆଡ଼କୁ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ଆଁହଜ଼ରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଥିଲେ ।

ସେହିପରି ଜମାଦିଉଲ୍ ଅୱଲ୍ ଆଖିର୍ ମାସର ୬ ତାରିଖରେ ଆଁହଜ଼ରତ୍ ସ.ଅ ଜ଼ୈଦ୍ ବିନ୍ ହାରସା ର.ଅଙ୍କ ନେତୃତ୍ୱରେ ୧୫ ଜଣ ସାହାବାଙ୍କର ଏକ ସୈନ୍ୟ ଦଳ ମକାମ୍ ଆଡ଼କୁ ପ୍ରେରଣ କରିଥିଲେ । ଯାହାକି ମଦିନା ଠାରୁ ୩୬ ମାଇଲ୍ ଦୂରତାରେ ଅବସ୍ଥିତ ଥିଲା ଏବଂ ସେଠାରେ ସେହି ଦିନ ମାନଙ୍କରେ ବନୁ ସାଆଲବା ସଂପ୍ରଦାୟର ଲୋକମାନେ ବସବାସ କରୁଥିଲେ । କିନ୍ତୁ ହଜ଼ରତ୍ ଜ଼ୈଦ୍ ବିନ୍ ହାରସା ର.ଅଙ୍କ ସେଠାରେ ପହଞ୍ଚିବା ପୂର୍ବରୁ ସେମାନେ ସଠିକ୍ ସମୟରେ ଖବର ପାଇ ସଠାରୁ ଏଣେତେଣେ ବିକ୍ଷିପ୍ତ ହୋଇଯାଇଥିଲେ ।

ପୁନଶ୍ଚ ଜୈଦ୍ ବିନ୍ ହାରସା ର.ଅଙ୍କ ସଂପର୍କରେ ଆଉ ଏକ କ୍ଷୁଦ୍ର ଯୁଦ୍ଧ ସଂପର୍କିତ ଘଟଣାଟି ଉଲ୍ଲେଖ ରହିଛି । ଯାହାକି ଜମାଦିଉଲ୍ ଆଖିର୍ ମାସ ସନ୍ ୬ ହିଜରୀରେ ସଂଘଟିତ ହୋଇଥିଲା। ସେତେବେଳେ ତାଙ୍କୁ **ହିସ୍ମି** ଆଡ଼କୁ ପ୍ରେରଣ କରାଯାଇଥିଲା

। ଆଁହଜ଼ରତ୍ ସ.ଅ ତାଙ୍କୁ ୫୦୦ ମୁସଲମାନମାନଙ୍କ ସହିତ **ହିସ୍ମି** ଆଡ଼କୁ ପ୍ରେରଣ କରିଥିଲେ । ଯାହାକି ମଦିନାର ଦକ୍ଷିଣ ଦିଗରେ ବନୁ ଯଜ଼ାମ୍ ସଂପ୍ରଦାୟର ବାସ ସ୍ଥଳୀ ଥିଲା । ସେହି ଯୁଦ୍ଧର ଏହି ଅଭିପ୍ରାୟଟି ଥିଲା କି, ଆଁହଜ଼ରତ୍ ସ.ଅଙ୍କର ଜଣେ ସାହାବି ଯାହାଙ୍କ ନାମ (ଦହିୟା) କଲବି ଥିଲା, ସେ କୈସରେ ରୋମ୍ (ଅର୍ଥାତ୍ ରୋମର ରାଜାଙ୍କୁ) ସାକ୍ଷାତ୍ କରି ଶାମ୍ ଆଡୁ ଆସୁଥିଲେ । ଯେତେବେଳେ ଉକ୍ତ ସାହାବି ଦହିୟା ବନୁ ଯଜ଼ାମ୍ ଅଞ୍ଚଳର ସମୀପରୁ ଅତିକ୍ରମ କଲେ ସେତେବେଳେ ସେହି ସଂପ୍ରଦାୟର ପ୍ରତିଷ୍ଠିତ ବ୍ୟକ୍ତି ଯାହାର ନାମ ହନିଦ୍ ବିନ୍ ଆରିଜ୍ ଅଟେ । ସେ ନିଜ ସଂପ୍ରଦାୟରୁ ନିଜ ସହିତ ଏକ ସୈନ୍ୟ ଦଳ ନେଇ ଦହିୟା ଉପରେ ଆକ୍ରମଣ କରିଦେଲା ଏବଂ ସମସ୍ତ ଜିନିଷପତ୍ର ଲୁଣ୍ଠନ କରିନେଲା ଏବଂ ବ୍ୟବସାୟିକ ଜିନିଷପତ୍ର ମଧ୍ୟ ଲୁଣ୍ଠନ କରି ନେଇଥିଲା ଏବଂ ରୋମର ମହାରାଜା ଯାହାକିଛି ଦହିୟାଙ୍କୁ ପ୍ରଦାନ କରିଥିଲେ ତାହା ମଧ୍ୟ ଲୁଟି ନେଇଥିଲେ । ଦହିୟା ର.ଅ ମଦିନା ଠାରେ ପହଞ୍ଚି ଆଁହ୍ଜ଼ରତ୍ ସ.ଅଙ୍କୁ ସମସ୍ତ ଘଟଣା ଓ ପରିସ୍ଥିତି ସଂପର୍କରେ ଅବଗତ କରାଇଲେ । ପ୍ରତ୍ୟୁତ୍ତରରେ ଆଁହଜ଼ରତ୍ ସ.ଅ ଜ଼ୈଦ୍ ବିନ୍ ହାରସା ର.ଅଙ୍କ ପ୍ରେରଣ କଲେ ଏବଂ ଦହିୟା ର.ଅଙ୍କୁ ମଧ୍ୟ ଜ଼ୈଦ୍ ବିନ୍ ହରସା ର.ଅଙ୍କ ସହିତ ପଠାଇଲେ । ହଜ଼ରତ୍ ଜ଼ୈଦ୍ ବିନ୍ ହରସା ର.ଅଙ୍କ ସୈନ୍ୟ ଦଳ ଅତ୍ୟନ୍ତ ଚତୁରତାର ସହ ଦିନବେଳା ଲୁଚି ରହୁଥିଲା ଏବଂ ରାତ୍ରବେଳା ସେମାନେ ଯାତ୍ରା କରୁଥିଲେ । ସୁତରାଂ ଏ ଦୁହେଁ ଯାତ୍ରା କରି ହିସ୍ମି ସ୍ଥାନ ଆଡ଼କୁ ଅଗ୍ରସର ହୋଇ ଚାଲିଲେ ଏବଂ ଠିକ୍ ପ୍ରାତଃ ବେଳେ ବନୁ ଯଜ଼ାମର ଲୋକମାନଙ୍କୁ ଧରି ପକାଇଲେ । ବନୁ ଯଜ଼ାମ୍ ସଂପ୍ରଦାୟ ମୁକାବିଲା କଲା ଏବଂ ଚିରାଚରିତ ଢଙ୍ଗରେ ଯୁଦ୍ଧ ମଧ୍ୟ ହେଲା । କିନ୍ତୁ ମୁସଲମାମାନଙ୍କର ହଠାତ୍ ଆକ୍ରମଣ ଆଗରେ ସେମାନେ ତିଷ୍ଠି ପାରିଲେ ନାହିଁ ଏବଂ କିଛି ସମୟ ଯୁଦ୍ଧ କରିବା ପରେ ସେମାନେ ପଳାୟନ କଲେ ଏବଂ ଯୁଦ୍ଧି ଭୂମି ଉପରେ ମୁସଲମାନମାନଙ୍କର ସଂପୂର୍ଣ୍ଣ ଆଧିପତ୍ୟ ରହିଲା । ଜ଼ୈଦ୍ ବିନ୍ ହାରସା ଅନେକ ଜିନିଷ ଏବଂ ଧନ ରତ୍ନ, ପଶୁ ଏବଂ ପ୍ରାୟ ୧୦୦ ଜଣ କୈଦୀଙ୍କୁ ଧରି ସେଠାରୁ ଫେରି ଆସିଲେ । ସରିୟା **ହିସ୍ମି** ( କ୍ଷୁଦ୍ର ଯୁଦ୍ଧ)ର ଏକ ମାସ ପରେ ଆଁହଜ଼ରତ୍ ସ.ଅ ପୁନଶ୍ଚ ଜ଼ୈଦ୍ ବିନ୍ ହରସା ର.ଅଙ୍କୁ **ୱାଦିଉଲ୍ କୁରା** ନାମକ ସ୍ଥାନକୁ ପ୍ରେରଣ କରିଥିଲେ । ଏହି ଯୁଦ୍ଧରେ ଅନେକ ମୁସଲମାନମାନେ ପ୍ରାଣ ହରାଇ ବୀରଗତି ପ୍ରାପ୍ତ କରିଥିଲେ । ସ୍ୱୟଂ ଜ଼ୈଦ୍ ର.ଅଙ୍କୁ ମଧ୍ୟ କ୍ଷତ ଲାଗିଥିଲା । କିନ୍ତୁ ଅଲ୍ଲାଃତାଲା ନିଜର କୃପା ବଳରେ ତାଙ୍କର ଜୀବନ ରକ୍ଷା କରିଥିଲେ ।

ସରିୟା (ସରିୟା କହିଲେ ସେହି ଯୁଦ୍ଧକୁ ବୁଝାଏ ଯେଉଁ ଯୁଦ୍ଧରେ ଆଁହଜ଼ରତ୍ ସ.ଅ ସ୍ୱୟଂ ଶାମିଲ୍ ହୋଇ ନଥିଲେ) ମୌତା ଅର୍ଥାତ୍ ମୌତା ଯୁଦ୍ଧ ଜମାଦିଉଲ୍ ଅୱଲ୍ ସନ୍ ୮ ହିଜରୀରେ ଘଟିଥିଲା । ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ମୌତା ଯୁଦ୍ଧ ପାଇଁ ହଜ଼ରତ୍ ଜ଼ୈଦ୍ ବିନ୍ ହାରସା ର.ଅଙ୍କୁ ଅମୀର୍ ରୂପେ ନିଯୁକ୍ତ କରିଥିଲେ । ରସୁଲୁଲ୍ଲାଃ ସ.ଅ କହିଲେ କି ଯଦି ଜ଼ୈଦ୍ ଶହିଦ୍ ହୋଇ ଯାଆନ୍ତି ତେବେ ତାଙ୍କ ସ୍ଥାନରେ ହଜ଼ରତ୍ ଜାଫର୍ ର.ଅ ଅମୀର୍ ହେବେ ଏବଂ ଯଦି ଜାଫର୍ ର.ଅ ମଧ୍ୟ ଶହିଦ୍ ହୋଇ ଯାଆନ୍ତି ତେବେ ଅବ୍ଦୁଲ୍ଲାଃ ବିନ୍ ରୱାହା ର.ଅ ତୁମମାନଙ୍କର ଅମୀର୍ ହେବେ । ଜଣେ ଇହୁଦୀ ବ୍ୟକ୍ତି ଯିଏକି ଏହି କଥାଟି ଶୁଣିଥିଲା ହଜ଼ରତ୍ ଜ଼ୈଦ୍ ର.ଅଙ୍କ ପାଖକୁ ଗଲା ଏବଂ ତାଙ୍କୁ କହିଲା ଯେ, ଯଦି ତୁମର ରସୁଲ୍ ସତ୍ୟବାନ୍ ଅଟନ୍ତି ତେବେ ତୁମେ ଜୀବିତ ଫେରିବ ନାହିଁ । ହଜ଼ରତ୍ ଜ଼ୈଦ୍ ର.ଅ କହିଲେ କି ମୁଁ ଜୀବିତ ଫେରେ କିମ୍ବା ନଫେରେ କିନ୍ତୁ ଆମର ରସୁଲ୍ ନିଶ୍ଚିତ ସତ୍ୟବାନ୍ ଅଟନ୍ତି । ଏହା ଅଲ୍ଲାଃତାଲାଙ୍କର ଏକ ଲୀଳା ଥିଲା, ଏହି ଘଟଣାଟି ସଂପୂର୍ଣ୍ଣ ରୂପେ ଏହିଭଳି ଭାବରେ ହିଁ ପୂର୍ଣ୍ଣ ହେଲା । ହଜ଼ରତ୍ ଜ଼ୈଦ୍ ର.ଅ ଶହିଦ୍ ହୋଇଗଲେ । ତାଙ୍କ ପରେ ହଜ଼ରତ୍ ଜାଫର୍ ସୈନ୍ୟ ଦଳର ନେତୃତ୍ୱ ନେଲେ । ସେ ମଧ୍ୟ ଶହିଦ୍ ହୋଇଗଲେ । ଏହାପରେ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ରୱାହା ସୈନ୍ୟ ଦଳର ନେତୃତ୍ୱ ନେଲେ । ସେ ମଧ୍ୟ ଶହିଦ୍ ହୋଇଗଲେ । ସେତେବେଳେ ସୈନ୍ୟ ଦଳ ବିକ୍ଷିପ୍ତ ହୋଇଯିବାର ସଂପୂର୍ଣ୍ଣ ସମ୍ଭାବନା ଥିଲା । କିନ୍ତୁ ହଜ଼ରତ୍ ଖାଲିଦ୍ ବିନ୍ ୱଲିଦ୍ ମୁସଲମାନଙ୍କ କହିବାରୁ ଇସଲାମର ଧ୍ୱଜାକୁ ନିଜ ହସ୍ତରେ ଧରିଲେ ଏବଂ ଅଲ୍ଲାଃତାଲା ତାଙ୍କ ମାଧ୍ୟମରେ ହିଁ ମୁସଲମାମାନଙ୍କୁ ବିଜୟ ପ୍ରଦାନ କରିଥିଲେ । ଯାହାଫଳରେ କି ସେ ସୁରକ୍ଷିତ ରୂପେ ସୈନ୍ୟ ଦଳକୁ ଫେରାଇ ଆଣିବାରେ ସକ୍ଷମ ହୋଇପାରି ଥିଲେ ।

ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କୁ ହଜ଼ରତ୍ ଜ଼ୈଦ୍ ବିନ୍ ହାରସା, ହଜ଼ରତ୍ ଜାଫର୍ ଏବଂ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ ଶାହାଦତ୍ ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ହୁଜୁର୍ ସ.ଅ ତାଙ୍କର ଅବସ୍ଥା ବର୍ଣ୍ଣନା କରିବାକୁ ଯାଇ ଛିଡ଼ା ହୋଇଗଲେ । ସୁତରାଂ ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ଜ଼ୈଦ୍ ର.ଅଙ୍କ ଠାରୁ ଚର୍ଚ୍ଚା ଆରମ୍ଭ କଲେ । ହୁଜୁର୍ ସ.ଅ କହିଲେ : ହେ ଅଲ୍ଲାଃ ! ଜ଼ୈଦଙ୍କୁ ମୋକ୍ଷ ବା ମୁକ୍ତି ପ୍ରଦାନ କର । ହେ ଅଲ୍ଲାଃ ! ଜ଼ୈଦଙ୍କୁ ମୋକ୍ଷ ପ୍ରଦାନ କର । ହେ ଅଲ୍ଲାଃ ! ଜ଼ୈଦଙ୍କୁ ମୋକ୍ଷ ପ୍ରଦାନ କର ।

ଜ୍ୱୈଦଙ୍କୁ ମୋକ୍ଷ ପ୍ରଦାନ କର । ପୁନଶ୍ଚ ହୁଜୁର୍ ସ.ଅ କହିଲେ କି, ହେ ଅଲ୍ଲାଃ ! ଜାଫର ଓ ୱଅବ୍ଦୁଲ୍ଲା ବିନ୍ ରୱାହାଙ୍କୁ ମୋକ୍ଷ ପ୍ରଦାନ କର । **ତବକାତୁଲ୍ କୁବରାରେ** ଉଲ୍ଲିଖିତ ଅଛି ଯେ, ଯେତେବେଳେ ହଜ଼ରତ୍ ଜ୍ୱୈଦ୍ ର.ଅ ଶହିଦ୍ ହୋଇଗଲେ ସେତେବେଳେ ଆଁହଜ଼ରତ୍ ସ.ଅ ତାଙ୍କର ପରିବାରଙ୍କ ନିକଟକୁ ଶୋକ ବ୍ୟକ୍ତ କରିବା ପାଇଁ ଗଲେ ଏବଂ କହିଲେ ଯେ,ହେ ଅଲ୍ଲାଃ ! ଜ୍ୱୈଦଙ୍କୁ ମୋକ୍ଷ ବା ମୁକ୍ତି ପ୍ରଦାନ କର । ସେତେବେଳେ ତାଙ୍କର ସୁପୁତ୍ରୀଙ୍କର ଏପରି ଅବସ୍ଥା ଥିଲା କି ତାହାର ମୁଖମଣ୍ଡଳରୁ ଲୁହ ସ୍ପଷ୍ଟ ରୂପେ ପ୍ରଦର୍ଶିତ ହେଉଥିଲା । ଏହା ଦେଖି ହୁଜୁର୍ ସ.ଅଙ୍କୁ ଆଖିରୁ ମଧ୍ୟ ଲୁହ ଝରି ପଡ଼ିଲା । ଶାହାଦତ୍ ମସୟରେ ତାଙ୍କୁ ୫୫ ବୟସ ହୋଇଥିଲା । ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ଜ୍ୱୈଦ୍ ର.ଅଙ୍କର ଯନାଜ଼ାଃ ପଢେଇଥିଲେ ଏବଂ କହିଲେ କି ହଜ଼ରତ୍ ଜ୍ୱୈଦ୍ ର.ଅଙ୍କ ମୋକ୍ଷ ପାଇଁ କାମନା କରନ୍ତୁ । କାରଣ ସେ ସ୍ୱର୍ଗପୁରରେ ଧାବମାନ ଅବସ୍ଥାରେ ପ୍ରବେଶ କରିଯାଇଛନ୍ତି ।

ହଜ଼ରତ୍ ଜବଲା ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଯେତେବେଳେ କୌଣସି ଯୁଦ୍ଧ ପାଇଁ ଯାଇପାରୁ ନଥିଲେ ସେତେବେଳେ ଆଁହଜ଼ରତ୍ ସ.ଅ ହଜ଼ରତ୍ ଅଲୀ ଓ ହଜ଼ରତ୍ ଜ୍ୱୈଦ୍ ର.ଅଙ୍କ ବ୍ୟତୀତ ଅନ୍ୟ କାହାରିକୁ ଅସ୍ତ୍ର ପ୍ରଦାନ କରୁ ନଥିଲେ । ପୁନଶ୍ଚ ଅନ୍ୟ ଏକ ରିୱାୟତରେ ହଜ଼ରତ୍ ଜବଲା ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ୍ ସ.ଅଙ୍କୁ ପୁରସ୍କାର ସ୍ୱରୂପ ଦୁଇଟି କୁଜାୱା (ଅର୍ଥାତ୍ ଓଟରେ ବସିବା ନିମନ୍ତେ ବ୍ୟବହୃତ ପଲାଣ) ପ୍ରଦାନ କରାଯାଇଥିଲା । ଗୋଟିଏ ହୁଜୁର୍ ସ.ଅ ନିଜ ପାଖରେ ରଖିଥିଲେ ଏବଂ ଅନ୍ୟଟି ହଜ଼ରତ୍ ଜ୍ୱୈଦ୍ ର.ଅଙ୍କୁ ପ୍ରଦାନ କରି ଦେଇଥିଲେ । ସୁତରାଂ ହଜ଼ରତ୍ ଜବଲା ର.ଅଙ୍କର ହିଁ ବର୍ଣ୍ଣନାନୁସାରେ ଆଁହଜ଼ରତ୍ ସ.ଅଙ୍କୁ ଦୁଇଟି ଦୀର୍ଘ ପୋଷାକ ପରିଚ୍ଛଦ ପ୍ରଦାନ କରାଯାଇଥିଲା । ହୁଜୁର୍ ସ.ଅ ସ୍ୱୟଂ ଗୋଟିଏ ରଖିଥିଲେ ଏବଂ ଅନ୍ୟଟିକୁ ହଜ଼ରତ୍ ଜ୍ୱୈଦ୍ ର.ଅଙ୍କୁ ପ୍ରଦାନ କରି ଦେଇଥିଲେ । ଅନ୍ୟ ଏକ ସ୍ଥାନରେ ଏହା ବର୍ଣ୍ଣିତ ଅଛି ଯେ, ହଜ଼ରତ୍ ଜ୍ୱୈଦ୍ ବିନ୍ ହାରସା ର.ଅଙ୍କୁ ରସୁଲୁଲ୍ଲାଃ ସ.ଅଙ୍କର ପ୍ରେମୀ ବା ମିତ୍ର କୁହାଯାଉଥିଲା । ହଜ଼ରତ୍ ଜ୍ୱୈଦ୍ ର.ଅଙ୍କ ସଂପର୍କରେ ଆଁହଜ଼ରତ୍ ସ.ଅ କହିଲେ ଯେ, ଲୋକମାନଙ୍କ ମଧ୍ୟରୁ ମୋର ସର୍ବାଧିକ ପ୍ରିୟତମ ସେହି ବ୍ୟକ୍ତି ଅଟେ ଯାହାକୁ ଅଲ୍ଲାଃତାଲା ପୁରସ୍କୃତ କରିଛନ୍ତି ଅର୍ଥାତ୍ ଜ୍ୱୈଦ୍ ର.ଅଙ୍କୁ ।

ମୌତା ଯୁଦ୍ଧର ପ୍ରତିଶୋଧ ନେବା ପାଇଁ ଆଁହଜ଼ରତ୍ ସ.ଅ ସଫର୍ ମାସ ୧୧ ହିଜରୀରେ ଏକ ବିଶାଳ ସୈନ୍ୟ ବାହିନୀ ପ୍ରସ୍ତୁତ କଲେ ଏବଂ ଲୋକମାନଙ୍କୁ ଆଦେଶ ଦେଲେ ଯେ, ରୋମ୍ ବିରୁଦ୍ଧରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଯାଅ । ଯେତେବେଳେ ଏହି ସୈନ୍ୟ ବାହିନୀ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲା ସେତେବେଳେ ଆଁହଜ଼ରତ୍ ସ.ଅ ହଜ଼ରତ୍ ଉସ୍ୱାମା ବନି ଜ୍ୱୈଦ୍ ର.ଅଙ୍କୁ ଡ଼କାଇଲେ ଏବଂ ଏହି ଯୁଦ୍ଧର ନେତୃତ୍ୱ ତାଙ୍କୁ ହସ୍ତାନ୍ତର କରି କହିଲେ ଯେ, ନିଜ ପିତାର ବୀରଗତି ପ୍ରାପ୍ତ କରିଥିବା ସ୍ଥାନକୁ ଯାଅ ଏବଂ ଦ୍ରୁତ ବେଗରେ ଯାତ୍ରା କର ଏବଂ ସେମାନଙ୍କ ପାଖରେ ସୂଚନା ପହଞ୍ଚିବା ପୂର୍ବରୁ ସେଠାରେ ପହଞ୍ଚି ଯାଅ । ପୁନଶ୍ଚ ସକାଳ ହେବା କ୍ଷଣି ସେଠାରେ ଆକ୍ରମଣ କରି ଦିଅ । ଆଁହଜ଼ରତ୍ ସ.ଅ କହିଲେ ଯେ, ହଜ଼ରତ୍ ଜ୍ୱୈଦ୍ ର.ଅଙ୍କର ପ୍ରତିଶୋଧ ନେବା ପାଇଁ ସେହି ସ୍ଥାନଗୁଡ଼ିକୁ ନିଜର ଅଶ୍ୱମାନଙ୍କ ଖୁର ସାହାଯ୍ୟରେ ଦଳି ଦିଅ । ଆଁହଜ଼ରତ୍ ସ.ଅ ହଜ଼ରତ୍ ଉସ୍ୱାମା ର.ଅଙ୍କୁ ଅଧିକ କହିଲେ ଯେ, ନିଜ ସାଙ୍ଗରେ ପଥ ପ୍ରଦର୍ଶନକାରୀକୁ ମଧ୍ୟ ନେଇ ଯାଅ ଏବଂ ସେଠିକାର ସୂଚନା ପାଇବା ପାଇଁ ଲୋକମାନଙ୍କୁ ମଧ୍ୟ ନିଯୁକ୍ତ କର ଯେଉଁମାନେ ତୁମକୁ ସଠିକ୍ ପରିସ୍ଥିତି ସଂପର୍କରେ ଅବଗତ କରାଇପାରିବେ । ଅଲ୍ଲାଃତାଲା ତୁମକୁ ଜୟଯୁକ୍ତ କରାନ୍ତୁ ଏବଂ ତୁମେ ଶୀଘ୍ର ଫେରି ଆସିବ । ଏହି ଯୁଦ୍ଧ ସମୟରେ ହଜ଼ରତ୍ ଉସ୍ୱାମା ର.ଅଙ୍କୁ ପ୍ରାୟ ୧୭ ରୁ ୨୦ ବର୍ଷ ବୟସ ହୋଇଥିଲା । ହୁଜୁର୍ ସ.ଅ ହଜ଼ରତ୍ ଉସ୍ୱାମା ର.ଅଙ୍କ ପାଇଁ ସ୍ୱହସ୍ତରୁ ଏକ ଧ୍ୱଜା ବାନ୍ଧିଲେ ଏବଂ ହଜ଼ରତ୍ ଉସ୍ୱାମା ର.ଅଙ୍କୁ କହିଲେ କି ଅଲ୍ଲାଃତାଲାଙ୍କ ନାମ ନେଇ, ତାଙ୍କରି ମାର୍ଗରେ ଜିହାଦ୍ କର ଏବଂ ଯେଉଁ ବ୍ୟକ୍ତି ଅବଜ୍ଞା ପ୍ରଦର୍ଶନ କରେ ତା ସହିତ ଯୁଦ୍ଧ କର ।

ରସୁଲ୍ କରୀମ୍ ସ.ଅଙ୍କ ରୋଗରେ ଅଭିବୃଦ୍ଧି ଘଟିଲା । କିନ୍ତୁ ହୁଜୁର୍ ସ.ଅ ତାଗିଦ୍ କରି କହୁଥିଲେ କି ଉସ୍ୱାମଙ୍କର ସୈନ୍ୟ ବାହିନୀକୁ ପଠାଅ । ସୋମବାର ଦିନ ହୁଜୁର୍ ସ.ଅ ସୁସ୍ଥ ହୋଇଗଲେ ଏବଂ ଉସ୍ୱାମା ର.ଅଙ୍କୁ କହିଲେ କି ଅଲ୍ଲାଃତାଲାଙ୍କ ବରକତ୍ ଦ୍ୱାରା ତୁମେ ବାହାରିପଡ଼ । ହଜ଼ରତ୍ ଉସ୍ୱାମା ଆଁହଜ଼ରତ୍ ସ.ଅଙ୍କ ଠାରୁ ବିଦାୟ ନେଇ ଯୁଦ୍ଧ ଅଭିମୁଖେ ବାହାରି ପଡ଼ିଲେ । ସେହି ସମୟରେ ତାଙ୍କର ମାତାଶ୍ରୀ ହଜ଼ରତ୍ ଉମ୍ମେ ଐମନଙ୍କ ଆଡୁ ଜଣେ ସମ୍ବାଦ ବାହକ ଏହା ସମ୍ବାଦ ଆଣିଲା ଯେ, ଆଁହଜ଼ରତ୍ ସ.ଅଙ୍କର ଶେଷ ସମୟ ଆସିଯାଇଛି । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରେ ଲାଗିଛି । ଏହି ଦୁଃଖଦ ଖବରଟି ଶୁଣି ହଜ଼ରତ୍ ଉସ୍ୱାମା, ହଜ଼ରତ୍ ଉମର୍ ଏବଂ ହଜ଼ରତ୍ ଅବୁ ଉବୈଦାଙ୍କ ସହିତ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ଉପସ୍ଥିତ ହୋଇ ଯୁଦ୍ଧରୁ ଫେରି ଆସିଲେ ଏବଂ ସେଠାରେ ସେମାନେ ଏହା ଅବଲୋକନ କଲେ ଯେ, ଆଁହଜ଼ରତ୍ ସ.ଅଙ୍କର ଶେଷ ସମୟ ଆସିଯାଇଛି । ରବିଉଲ୍

ମାସ ୧୨ ତାରିଖରେ ହୁଜୁର୍ ସ.ଅ ଇହଧାମ ତ୍ୟାଗ କରିଥିଲେ । ଯାହା ଫଳରେ କି ମୁସଲମାନମାନଙ୍କର ସୈନ୍ୟ ଦଳ ଜରଫ୍ ସ୍ଥାନରୁ ମଦିନାକୁ ଫେରି ଆସିଥିଲା ଏବଂ ହଜ଼ରତ୍ ବୁରୈଦା ହଜ଼ରତ୍ ଉସ୍ମାମା ର.ଅଙ୍କର ଧ୍ୱଜା ରସୁଲୁଲ୍ଲାଃ ସ.ଅଙ୍କ ଦ୍ୱାର ମୁଖରେ ପୋତି ଦେଲେ । ଯେତେବେଳେ ସମସ୍ତେ ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କ ହସ୍ତରେ ଦୀକ୍ଷା ଗ୍ରହଣ କଲେ ସେତେବେଳେ ହଜ଼ରତ୍ ଅବୁ ବକ୍କର୍ ର.ଅ ହଜ଼ରତ୍ ବୁରୈଦା ର.ଅଙ୍କୁ ଆଦେଶ ଦେଲେ ଯେ,ଧ୍ୱଜା ଧରି ଉସ୍ମାମାଙ୍କ ଘରକୁ ଯାଅ । କାରଣ ଏହି ଦେଖି ସେ ନିଜର ଲକ୍ଷ୍ୟ ପାଇଁ ଯେପରି ବାହାରି ପଡ଼ିବେ । ସୁତରାଂ ହଜ଼ରତ୍ ବୁରୈଦା ର.ଅ ଧ୍ୱଜାକୁ ଧରି ସୈନ୍ୟ ଦଳର ପ୍ରଥମ ସ୍ଥାନକୁ ନେଇଗଲେ । ଆଁହଜ଼ରତ୍ ସ.ଅଙ୍କର ଅକାଳ ବିୟୋଗ ପରେ ସମଗ୍ର ଆରବ ପ୍ରଦେଶରେ ଧର୍ମ ପରିବର୍ତ୍ତନର ଉପଦ୍ରବରେ ଅସାଧାରଣ ବୃଦ୍ଧି ଘଟିଥିଲା । ହଜ଼ରତ୍ ଅବୁ ବକ୍କର୍ ର.ଅ ମାନିଲେ ନାହିଁ ଏବଂ କହିଲେ ଯଦି ମୋତେ ଯୀବଜନ୍ତୁମାନେ ଏଣେତେଣେ ଘୋସାରି ନିଅନ୍ତି । ତେବେ ବି ମୁଁ ସେହି ସୈନ୍ୟ ଦଳକୁ ଆଁହଜ଼ରତ୍ ସ.ଅଙ୍କ ନିଷ୍ପତ୍ତି କ୍ରମେ ନିଶ୍ଚିତ ପ୍ରେରଣ କରିକି ରହିବି । ଅତଃ ଉକ୍ତ ସୈନ୍ୟ ଦଳଟି ପୁନର୍ବାର ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲା । କେତେକ ଅନସାର୍ ସାହାବମାନେ ପରିସ୍ଥିତିର ମୃଦୁଳତା କାରଣରୁ ଏହା ପରାମର୍ଶ ଦେଲେ କି ସୈନ୍ୟ ଦଳକୁ ବର୍ତ୍ତମାନ ଅଟକାଇ ନିଆଯାଉ । ଏକ ବର୍ଣ୍ଣନାନୁସାରେ କେତେକ ଆନସାର୍ ସାହାବାମାନେ ହଜ଼ରତ୍ ଉମର୍ ର.ଅଙ୍କୁ କହିଲେ ଯେ, ରସୁଲୁଲ୍ଲାଃ ସ.ଅଙ୍କର ଖଲିଫା ହଜ଼ରତ୍ ଅବୁ ବକ୍କର୍ ର.ଅ ଯଦି ସୈନ୍ୟ ଦଳକୁ  ଯୁଦ୍ଧ ପାଇଁ ପ୍ରେରଣ କରିବାକୁ ଜିଦ୍ ତଥା ଅଟଳ ରହିଛନ୍ତି ତେବେ ତାଙ୍କୁ ଏହି ଅନୁରୋଧଟି କରାଯାଉ କି ସେ ଏଭଳି ଏକ ବ୍ୟକ୍ତିକୁ ନିଯୁକ୍ତ କରନ୍ତୁ ଯାହାଙ୍କର ବୟସ ହଜ଼ରତ୍ ଉମର୍ ର.ଅଙ୍କ ଠାରୁ ଅଧିକ ହୋଇଥିବ । ସୁତରାଂ ଲୋକମାନଙ୍କ ଠାରୁ ଏହି ରାୟକୁ ଗ୍ରହଣ କରି ଯେତେବେଳେ ହଜ଼ରତ୍ ଉମର୍ ର.ଅ ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କ ନିକଟରେ ଉପସ୍ଥିତ ହେଲେ । ସେତେବେଳେ ହଜ଼ରତ୍ ଅବୁ ବକ୍କର୍ ର.ଅ ନିଜର ସେହି ପୂର୍ବ ଲୌହ ସଂକଳ୍ପ ପରି କହିଲେ କି ଯେଉଁ କାମକୁ କରିବା ପାଇଁ ରସୁଲୁଲ୍ଲାଃ ସ.ଅ ମୋତ ନିର୍ଦ୍ଦେଶ ଦେଇଛନ୍ତି । ଯଦି ବଣଜଙ୍ଗଲର ଜୀବଜନ୍ତୁମାନେ ମଦିନାରେ ପ୍ରବେଶ କରି ମୋତେ ଘୋସାରି ନିଅନ୍ତି ତାହାହେଲେ ମଧ୍ୟ ମୁଁ ସେହି କାମ କରିବାରୁ ନିବୃତ୍ତ ହେବି ନାହିଁ କି ପଶ୍ଚାତ୍ ପଦ ହେବି ନାହିଁ । ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କର ଏହି ଲୌହ ସଂକଳ୍ପମୂଳକ କଥା ଶୁଣିବା ପରେ ହଜ଼ରତ୍ ଉମର୍ ର.ଅ ସୈନ୍ୟ ଦଳ ପାଖରେ ପହଞ୍ଚିଲେ । ଯେତେବେଳେ ଲୋକମାନେ ପଚାରିଲେ କି କ'ଣ ହେଲା ? ହଜ଼ରତ୍ ଉମର୍ ର.ଅ କ୍ରୋଧାନ୍ୱିତ ହୋଇ କହିଲେ କି, ମୋ ପାଖରୁ ଶୀଘ୍ର ଚାଲିଯାଅ। କାରଣ ଆଜି ମୋତେ ତୁମମାନନଙ୍କ ଯୋଗୁଁ ରସୁଲୁଲ୍ଲାଃ ସ.ଅଙ୍କର ଖଲିଫାଙ୍କ ଠାରୁ ପାଟି ଶୁଣିବାକୁ ପଡ଼ିଛି । ଯେତେବେଳେ ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କ ଆଦେଶାନୁସାରେ ଉସ୍ମାମା ର.ଅଙ୍କର ସୈନ୍ୟ **ଜରଫ୍** ନାମକ ସ୍ଥାନରେ ଏକତ୍ରିତ ହେଲା ସେତେବେଳେ ହଜ଼ରତ୍ ଅବୁ ବକ୍କର୍ ର.ଅ ସ୍ୱୟଂ ସେଠାକୁ ଗଲେ ଏବଂ ସୈନ୍ୟ ଦଳର ନୀରିକ୍ଷଣ କଲେ ଏବଂ ତାହାକୁ କ୍ରମରେ ସଜାଡ଼ିଲେ । ସେତେବେଳେ ହଜ଼ରତ୍ ଉସ୍ମାମା ଅଶ୍ୱ ଉପରେ ଆରୋହଣ ହୋଇଥିଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କର ଖଲିଫା ପାଦରେ ଚାଲି ଚାଲି ଯାଉଥିଲେ । ହଜ଼ରତ୍ ଉସ୍ମାମା ର.ଅ କହିଲେ କି, ହେ ରସୁଲୁଲ୍ଲାଃ ସ.ଅଙ୍କର ଖଲିଫା ! ଆପଣ ଅଶ୍ୱ ଉପରେ ଆରୋହଣ ହୋଇ ଯାଆନ୍ତୁ ନତୁବା ମୁଁ ତଳକୁ ଓହ୍ଲେଇ ପଡୁଛି । ହଜ଼ରତ୍ ଅବୁ ବକ୍କର୍ ର.ଅ କହିଲେ, ମୁଁ ଈଶ୍ୱରଙ୍କର ଶପଥ କରି କହୁଛି ଯେ, ନା ତୁମେ ତଳକୁ ଓହ୍ଲାଇବ ଓ ନା ହିଁ ମୁଁ ଆରୋହଣ ହେବି । ଅଲ୍ଲାଃତାଲାଙ୍କ ପଥରେ ମୁଁ ମୋର ଦୁଇଟି ପାଦକୁ ଘଡ଼ିଏ ଧୂଳିସାତ୍ କଲେ ମୋର କ'ଣ କ୍ଷତି ହୋଇଯିବ ? କାରଣ ଧର୍ମଯୋଦ୍ଧା ଯେତେବେଳେ ଈଶ୍ୱରଙ୍କ ଅଭିମୁଖେ ନିଜର ପାଦକୁ ଉଠାଏ ସେତେବେଳେ ତାହା ନିମନ୍ତେ ପ୍ରତିବଦଳରେ ୭୦୦ ଗୁଣା ପୁଣ୍ୟ ଲେଖା ଯାଇଥାଏ ଏବଂ ତାହାର ସ୍ତରରେ ୭୦୦ ଗୁଣା ଅଭିବୃଦ୍ଧି ହୋଇଥାଏ ଏବଂ ତାହାର ୭୦୦ ଗୁଣା ପାପକୁ ସମାପ୍ତ କରି ଦିଆଯାଇଥାଏ ।

ଏହି ଘଟଣା ପରେ ହଜ଼ରତ୍ ଉମର୍ ର.ଅ ଯେତେବେଳେ ବି ହଜ଼ରତ୍ ଉସ୍ମାମା ର.ଅଙ୍କ ସହିତ ସାକ୍ଷାତ୍ କରୁଥିଲେ । ସେତେବେଳେ ତାଙ୍କୁ ସମ୍ବୋଧନ କରି କହୁଥିଲେ : **ଅସ୍ ସଲାମୁ ଅଲୈକା ଅଇୟୋ ହଲ୍ ଅମିରୁ** । ଅର୍ଥାତ୍ ହେ ଅମିର୍ ତୁମ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ହଜ଼ରତ୍ ଉସ୍ମାମା ର.ଅ ଏହାର ଉତ୍ତରରେ **ଗଫରଲ୍ଲାଃହୁ ଲକା ୟା ଅମିରୁଲ୍ ମୁମିନିନ୍** କହୁଥିଲେ । ଅର୍ଥାତ୍ ହେ ଅମିରୁଲ୍ ମୁମିନିନ୍ ! ଅଲ୍ଲାଃତାଲା ଆପଣଙ୍କ ପ୍ରତି କୃପା ଏବଂ ସଦବ୍ୟବହାର ପ୍ରଦର୍ଶନ କରନ୍ତୁ । ଆମିନ୍

ହଜ଼ରତ୍ ଅବୁ ବକ୍କର୍ ର.ଅ ଉସ୍ମାମା ର.ଅଙ୍କ ସୈନ୍ୟ ଦଳକୁ ଏହି ଶବ୍ଦରେ ଉପଦେଶ ଦେଇ କହିଲେ କି, ତୁମେ ବିଶ୍ୱାସଘାତ କରିବ ନାହିଁ, ତୁମେ ବଚନ ଭଙ୍ଗ କରିବ ନାହିଁ, ଚୋରି କରିବ ନାହିଁ ଏବଂ ଶବ ପ୍ରତି ଦୁର୍ବ୍ୟବହାର କରିବ ନାହିଁ । ଛୋଟ ବୟସର

ପିଲାମାନେ ଏବଂ ବୟୋଜ୍ୟୋଷ୍ଠ ବୃଦ୍ଧମାନେ ଏବଂ ସ୍ତ୍ରୀମାନଙ୍କୁ ହତ୍ୟା କରିବ ନାହିଁ, ଖଜୁରୀର ବୃକ୍ଷକୁ କାଟିବ ନାହିଁ କି ପୋଡ଼ିବ ନାହିଁ, କୌଣସି ଗାଇ, ମେଣ୍ଢା ପଶୁମାନଙ୍କୁ ଓ ଓଟମାନଙ୍କୁ ଖାଇବା ବ୍ୟତୀତ ଜ଼େବହ କରିବ ନାହିଁ ଅର୍ଥାତ୍ ଅଯଥା ପଶୁ ହତ୍ୟା କରିବ ନାହିଁ । ପୁନଶ୍ଚ ସେ କହିଲେ କି ତୁମେମାନେ ନିଶ୍ଚିତ ଏଭଳି ଏକ ଜାତି ସମୀପରୁ ଅତିକ୍ରମ କରିବ ଯେଉଁମାନେ ନିଜକୁ ଗିର୍ଜାମାନଙ୍କରେ ଉପାସନା ନିମନ୍ତେ ଉତ୍ସର୍ଗ କରି ରଖିଥିବେ । ତେବେ ସେମାନଙ୍କୁ ଛାଡ଼ିଦେବ । ତୁମକୁ ଏପରି ଲୋକମାନେ ମିଳିବେ ଯେଉଁମାନେ ନିଜର ଖାଦ୍ୟ ଥାଳୀରେ ବିଭିନ୍ନ ପ୍ରକାରର ଖାଦ୍ୟ ଆଣିବେ । ଯଦି ତୁମେ ସାମାନଙ୍କ (ବାସନ) ଥାଳିରୁ କିଛି ବି ଭକ୍ଷଣ କର ତେବେ ବିସ୍ମିଲ୍ଲାଃ ପଢି ଖାଦ୍ୟ ଭକ୍ଷଣ କର ଏବଂ ତୁମେ ନିଶ୍ଚିତ ଏଭଳି ଏକ ଜାତି ପାଖକୁ ଯିବ ଯେଉଁମାନେ ମୁଣ୍ଡର ମଧ୍ୟ ଭାଗରୁ କେଶ ମୁଣ୍ଡନ କରିଥିବେ । କିନ୍ତୁ ସେମାନେ ଚତୁର୍ପାର୍ଶ୍ୱରୁ **କୋଲ୍ଲୋମାନଙ୍କ** ପରି କେଶ ଛାଡ଼ିଥିବେ । ସୁତରାଂ ତୁମେ ଏପରି ଲୋକମାନଙ୍କୁ କମ୍ କ୍ଷତ ଦେବ ଏବଂ ଅଲ୍ଲାଃତାଲାଙ୍କ ନାମ ନେଇ ନିଜକୁ ରକ୍ଷା କରିବ । ଅଲ୍ଲାଃତାଲା ତୁମାମାନଙ୍କୁ ବ୍ୟଙ୍ଗ ଓ ପ୍ଲେଗ୍ ପରି ରୋଗରୁ ସୁରକ୍ଷିତ ରଖନ୍ତୁ । ସେ ଯାହାହେଉ ରବିଉଲ୍ ଆଖିର୍ ମାସ ୧୧ ହିଜରୀରେ ହଜ଼ରତ୍ ଉସ୍ୱାମା ନିଜର ସୈନ୍ୟମାନଙ୍କ ସହିତ ମଦିନାରୁ ପ୍ରସ୍ଥାନ କଲେ ଏବଂ ସ୍ଥାନ ପରେ ସ୍ଥାନ ଅତିକ୍ରମ କରି ରସୁଲୁଲ୍ଲାଃ ସ.ଅଙ୍କ ଇଚ୍ଛା ପତ୍ର ଅନୁଯାୟୀ **ଶାମର ଅବନା** ଅଞ୍ଚଳରେ ପହଞ୍ଚିଲେ ଏବଂ ସକାଳେ ହେବା କ୍ଷଣି ସେ ବସ୍ତିର ଚତୁର୍ପାର୍ଶ୍ୱରୁ ସେମାନଙ୍କ ଉପରେ ଆକ୍ରମଣ କଲେ ।

ଏହି ଯୁଦ୍ଧରେ ଯେଉଁମାନେ ବି ମୁସଲମାନ ମୁଜାହିଦିନଙ୍କ ସହିତ ଯୁଦ୍ଧ କଲେ ସେମାନେଙ୍କ ମଧ୍ୟରୁ ଅନେକ ନିହତ ହେଲେ ଏବଂ ଅଧିକାଂଶ ବନ୍ଦୀ ହୋଇଥିଲେ । ସେହିପରି ଅଧିକାଂଶ ମାଲେ ଗନିମତ୍ (ଅର୍ଥାତ୍ ଯୁଦ୍ଧରୁ ପ୍ରାପ୍ତ ଧନ ସମ୍ପତ୍ତି) ମଧ୍ୟ ପ୍ରାପ୍ତ ହୋଇଥିଲା । ଯହିଁରୁ ଖମସ୍ ଅର୍ଥାତ୍ ପାଞ୍ଚ ଭାଗ ରଖି ବଳକା ସମସ୍ତ ଧନକୁ ସୈନ୍ୟ ଦଳ ମଧ୍ୟରେ ବାଣ୍ଟି ଦେଇଥିଲେ । ଏହି ଯୁଦ୍ଧରୁ ନିବୃତ୍ତ ହେବା ପରେ ସୈନ୍ୟମାନେ ସେହିଠାରେ ହିଁ ଗୋଟିଏ ଦିନ ରହିଥିଲେ ଏବଂ ପରବର୍ତ୍ତୀ ଦିନ ମଦିନା ପାଇଁ ପ୍ରତ୍ୟାବର୍ତ୍ତନର ଯାତ୍ରା କଲେ ।

ଯେତେବେଳେ ଏହି ବିଜୟ ପ୍ରାପ୍ତ ସୈନ୍ୟଦଳ ମଦିନା ଠାରେ ପହଞ୍ଚିଥିଲା ସେତେବେଳେ ହଜ଼ରତ୍ ଅବୁ ବକ୍କର୍ ର.ଅ ପ୍ରବାସକାରୀ ଓ ଅନସାରମାନଙ୍କ ସହିତ ମଦିନା ବାହାରକୁ ବାହାରି ସେମାନଙ୍କୁ ଭରପୁର୍ ସ୍ୱାଗତ ତଥା ଅଭିବାଦନ ଜଣାଇଥିଲେ । ମଦିନାରେ ପ୍ରବେଶ କରି ସୈନ୍ୟଦଳଟି ମସଜିଦେ ନବୱି ପର୍ଯ୍ୟନ୍ତ ଯାଇଥିଲା । ହଜ଼ରତ୍ ଉସ୍ୱାମା ମସଜିଦରେ ଦୁଇ ରେକାତ୍ ନଫିଲ୍ ପଢିଲେ ଏବଂ ନିଜ ଘରକୁ ଚାଲିଗଲେ । ଉସ୍ୱାମା ର.ଅଙ୍କ ସୈନ୍ୟଦଳକୁ ପ୍ରେରଣ କରିବା ମୁସଲମାନମାନଙ୍କ ପକ୍ଷରେ ଅତ୍ୟନ୍ତ ଫଳପ୍ରଦ ହେଲା । କାରଣ ଆରବ ବାସୀ ଏହା କହିବାକୁ ଲାଗିଲେ ଯେ, ଯଦି ମୁସଲମାନମାନଙ୍କ ଭିତରେ ଶକ୍ତି ଓ ସାମର୍ଥ୍ୟ ନଥାଆନ୍ତା ତେବେ ସେ କଦାପି ସୈନ୍ୟଦଳକୁ ପ୍ରେରଣ କରି ନଥାଆନ୍ତେ । ଏହିପରି ଭାବରେ କୁଫ୍ଫାରମାନେ ଯେଉଁ କଥାଗୁଡ଼ିକ ମୁସମାନମାନଙ୍କ ବିରୁଦ୍ଧରେ ପ୍ରାୟୋଜିତ କରିବା ପାଇଁ ଚେଷ୍ଟା କରୁଥିଲେ ସେହି କଥାରୁ ସେମାନେ ନିବୃତ୍ତ ହୋଇଗଲେ । ଅଲ୍ଲାଃତାଲା ହଜ଼ରତ୍ ଜ଼ୈଦ୍ ବିନ୍ ହାରସା ର.ଅ ଏବଂ ତାଙ୍କର ପୁତ୍ର ଉସ୍ୱାମା ବିନ୍ ଜ଼ୈଦ୍ ର.ଅଙ୍କ ଉପରେ ହଜ଼ାର୍ ହଜ଼ାର ବରକତ୍ ଅବତୀର୍ଣ୍ଣ କରନ୍ତୁ ଯିଏକି ଆମମାନଙ୍କର ପ୍ରିୟ ରସୁଲ୍ ସ.ଅଙ୍କର ପ୍ରିୟ ଥିଲେ ।

ଖୁତବା ଜୁମାର ଶେଷରେ ହୁଜୁର୍ ଅନୱର୍ ଅ.ବ ସ୍ୱର୍ଗତ ସିଦ୍ଦିକ୍ ଆଦମ୍ ସାହେବ୍ ଅଫ୍ ଆଇଭାରିକୋଷ୍ଟ ଏବଂ ସ୍ୱର୍ଗତ ଗୁଲାମ୍ ମୁସ୍ତଫା ସାହେବ୍ ଅଫ୍ ଓକାଡ଼ା ଅଫ୍ ପାକିସ୍ତାନଙ୍କର ପ୍ରସଂଶନୀୟ ଗୁଣାବଳୀର ଚର୍ଚ୍ଚା କଲେ ଏବଂ ନମାଜ଼େ ଯନାଜ଼ାଃ ଗାଏବ୍ ପଢେଇଲେ ।

**KHULASA KHUTBA JUMA HUZOOR ANWAR a.b.a**

**......................................................**

**28th Jun 2019**